# ତହସିଲଦାରଙ୍କ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

ବିଜ୍ଞାପନ ସଂଖ୍ୟା- ୬୯ /ସୈରାତ

ତା. ୦୬.୦୧.୨୦୨୧

## ନିଲାମ ବିଜ୍ଞାପନ

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ କନିଷି ତହସିଲ ଇଲାକାରେ ଥିବା ୨ଗୋଟି ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡିକର ଆଗାମୀ ପାଞ୍ଚ ବର୍ଷ ନିମନ୍ତେ (ଦୀର୍ଘମିଆଦି) ଲିଜ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବ। ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ **www.ganjam.nic.in** ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି କନିଷି ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।

ଦରଖାସ୍ତକାରୀ ଜଉମୁଦ ଲଫାପାରେ ରେଜିଷ୍ଟ୍ରି / ସ୍ପିଡ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର କନିଷି କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇ ପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା– **୦୮।୦୧।୨୦୨୧** ରିଖ ଠାରୁ ତା– **୦୬।୦୨।୨୦୨୧** ରିଖ ଅପରାହ୍ନ ୦୫.୩୦ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟଗତେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।

ତହସିଲଦାରଙ୍କ ଦ୍ଵାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା- **୦୮।୦୨।୨୦୨୧** ରିଖ **୧୧.୦୦** ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୁଡାନ୍ତ କରାଯିବ। କୌଣସି କାରଣରୁ ନିଲାମ ନହୋଇ ପାରିଲେ ଦ୍ଵିତୀୟ ତା-**୧୭.୦୨.୨୦୨୧** ରିଖ ଏବଂ ଦ୍ଵିତୀୟ ତାରିଖରେ ନହୋଇ ପାରିଲେ ତୃତୀୟ ତା-**୨୫.୦୨.୨୦୨୧** ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନ ସାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସର ଭୁକ୍ତ ଅଟେ।

### ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସୈରାତ ଉତ୍ସ ନଂ | ମୌଜା | ଖାତା | ପ୍ଲଟ | ରକବା ଏକର ରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନମି.) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ (ଘନମି.*) | ଅଗ୍ରୀମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୬(A) | ୧.୦୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୦୨୫ * | ୧୦୦୦.୦୦ | ୨୩୨୮୮ .୦୦ |
| ୨ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୯(A) | ୦.୫୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୧୨୨୭ * | ୧୦୦୦.୦୦ | ୧୪୧୧୧.୦୦ |

**ବି.ଦ୍ର : ତାରକା ଚିହ୍ନିତ ସଂଖ୍ୟାଗୁଡ଼ିକ ଆବଶ୍ୟକ ସ୍ଥଳେ ବୃଦ୍ଧି କରିବାର କ୍ଷମତା ନିମ୍ନ ସ୍ଵାକ୍ଷରକାରୀଙ୍କ ରହିଛି ।**

ତହସିଲଦାର, କନିଷି, ଗଞ୍ଜାମ

Tahasildar

Konisi (Gm.)

# ତହସିଲଦାରଙ୍କ କାର୍ଯ୍ୟାଳୟ, କନିଷି, ଗଞ୍ଜାମ

ବିଜ୍ଞାପନ ସଂଖ୍ୟା- ୮୦ /ସୈରାତ ତା. ୦୭.୦୧.୨୦୨୧

## ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ) ନିୟମ ୨୦୧୪ ଏବଂ ୨୦୧୬ ଅନୁଯାୟୀ ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ କନିଷି ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଉତ୍ସଗୁଡିକୁ ଆସନ୍ତା ପାଞ୍ଚବର୍ଷ ନିମନ୍ତେ ଦୀର୍ଘମିଆଦି ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯାଉଅଛି।

### ସୈରାତ ଉତ୍ସର ବିବରଣୀ

| କ୍ରମିକ ନଂ | ସୈରାତ ଉତ୍ସ ନଂ | ମୌଜା | ଖାତା | ପ୍ଲଟ | ରକବା ଏକର ରେ | କିସମ | ଧାର୍ଯ୍ୟ ରୟାଲିଟିର ମୂଲ୍ୟ (ପ୍ରତି ଘନମି.) (ଟଙ୍କାରେ) | ଅତିରିକ୍ତ ଦେୟ (ପ୍ରତି ଘନମି.) (ଟଙ୍କାରେ) | ମୋଟ ଦେୟ (ପ୍ରତି ଘନମି.) (ଟଙ୍କାରେ) | M.G.Q ଅନୁସାରେ ବାର୍ଷିକ ସୈରାତର ପରିମାଣ (ଘନମି.*) | ଅଗ୍ରୀମ ଦାଖଲ କରିଥିବା ଅମାନତ ରାଶିର ପରିମାଣ (ଟଙ୍କାରେ) | ୫% ଅମାନତ ରାଶି ବାବଦକୁ ଦେୟ (ଟଙ୍କାରେ) |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୬(A) | ୧.୦୦୦ | ପର୍ବତ | ୧୩୦.୦୦ | ୧୦୦.୦୦ | ୨୩୦.୦୦ | ୨୦୨୫ * | ୧୦୦୦.୦୦ | ୨୩୨୮୮ .୦୦ |
| ୨ | ପାଲୁର ହିଲ ପଥର | ପାଲୁର ହିଲ | ୪୨ | ୬୯(A) | ୦.୫୦୦ | ପର୍ବତ | ୧୩୦.୦୦. | ୧୦୦.୦୦ | ୨୩୦.୦୦ | ୧୨୨୭ * | ୧୦୦୦.୦୦ | ୧୪୧୧୧.୦୦ |

ଲିଜରେ ଅଂଶ ଗ୍ରହଣ ପାଇଁ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ଏହାର ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବାପରେ ଆବେଦନ କରିବା ବାଞ୍ଛନୀୟ। ଲିଜ ନେବା ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ। ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିବିଶେଷ ଓ OMMC-Rule-2016 ଏବଂ ଏହାର Amendments Rule ମୁତାବକ ନିମ୍ନଲିଖିତ ଆବଶ୍ୟକୀୟ କାଗଜାତ ଜଉମୁଦ ଲଫାପାରେ ଆବେଦନ କରିବେ।

1. OMMC-Rule-2016 ଅନ୍ତର୍ଗତ ନିର୍ଭୁଲ ଭାବରେ ପୂରଣ ହୋଇଥିବା ଏବଂ ଦରଖାସ୍ତକାରୀଙ୍କ ଦ୍ୱାରା ଦସ୍ତଖତ କରାଯାଇଥିବା ତିନିକିତା Form M (3 Copies) ଦାଖଲ କରିବେ।
2. ଦରଖାସ୍ତ ଫି ବାବଦକୁ ଟ. ୧୦୦୦.୦୦ (ଏକ ହଜାର ଟଙ୍କା) ର ଟ୍ରେଜରୀ ଚାଲାଣ (Head of Account-0853-Non Ferrous Mining & Meteorological Industries-102-Mineral Concession Fees Rent of Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ।
3. ଉତ୍ସର ନାମ ତଫସିଲ ଏବଂ ସରହଦ ବିବରଣୀ ସଲଗ୍ନ କରିବା ହେବେ।
4. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ଏବଂ ରାଜସ୍ୱ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।
5. ଦରଖାସ୍ତକାରୀ 18 ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେ। ଯାହାର ସର୍ବନିମ୍ନ ମୂଲ୍ୟ ସୈରାତ ଉତ୍ସର ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ **(Minimum Guaranteed Quantity) x (Royalty + Offered Additional Charges by Participant)** ହେବା ଆବଶ୍ୟକ। **Anexure-1** କ୍ରମାନୁସାରେ ସୈରାତ ଉତ୍ସଗୁଡିକୁ ନିଲାମ ନିଆଯିବ। ଦରଖାସ୍ତକାରୀ ଆବେଦନ କରିଥିବା ନିଲାମ ମୂଲ୍ୟ ଅନୁଯାଇ ଉପରୋକ୍ତ ହିସାବ ଅନୁସାରେ solvency certificate କିମ୍ବା Bank Guarantee ମୂଲ୍ୟକୁ ଗ୍ରହଣ କରାଯିବ। ଯଦି ଦରଖାସ୍ତକାରୀ ଏକାଧିକ ସୈରାତ ଉତ୍ସ ନିମନ୍ତେ ଆବେଦନ କରିଥାନ୍ତି ଉପରୋକ୍ତ କ୍ରମଅନୁଯାୟୀ **Solvency Certificate** କିମ୍ବା

6. ଦରଖାସ୍ତକାରୀ ଆବେଦନ କରୁଥିବା ସୈରାତ ଉତ୍ସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେ ଜମା କରିବେ ଯାହାର ପରିମାଣ (Minimum Guaranteed Quantity) x (Royalty + Additional Charges specified in the notice) ର ଶତକଡା 5% ରହିବ। ଉକ୍ତ ବ୍ୟାଙ୍କ ଡ୍ରାଫ୍ଟ Tahasildar, Konisi ଙ୍କ ନାମରେ କରିବା ବାଞ୍ଛନୀୟ। ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।
7. ଦରଖାସ୍ତକାରୀ ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଅସ୍ଥାବର ସମ୍ପତ୍ତି ତାଲିକା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ଯଥା ବୈଷୟିକ ଜ୍ଞାନ ଅଭିଜ୍ଞତା ପାଖରେ ଥିବା ଯନ୍ତ୍ରସମୂହ ଆର୍ଥିକସ୍ଥିତି ଇତ୍ୟାଦି ପ୍ରମାଣପତ୍ର ସଲଗ୍ନ କରିବେ।
8. ଦରଖାସ୍ତକାରୀ ବର୍ଷର ଆୟକର ଦାଖଲ (Income Tax Filling) ବିବରଣୀର ନକଲ/GST Clearance Certificate ର ନକଲ ଦାଖଲ କରିବେ।
9. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା (Self-Declaration) ଦାଖଲ କରିବେ।
10. ଦରଖାସ୍ତକାରୀ କୌଣସି ସୈରାତ ଉତ୍ସର Mining Plan, EC Preparation & Sairat Advertising Cost ର ସମସ୍ତ ଖର୍ଚ୍ଚ ବାବଦ ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ।
11. ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷରରେ କେଉଁ ସୈରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ୍ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ।

ଉପରୋକ୍ତ କାଗଜାତସହ ଦରଖାସ୍ତକୁ ଜଉମୁଦ ଲଫାପାରେ Registered Post / Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବାକ୍ସରେ ତା-୦୮।୦୧।୨୦୨୧ ରିଖ ଠାରୁ ତା-୦୬।୦୨।୨୦୨୧ ରିଖ ମଧ୍ୟରେ ଅପରାହ୍ନ ୦୫.୩୦ ଘଟିକା ସୁଧା ଯେକୌଣସି ସରକାରୀ କାର୍ଯ୍ୟ ଦିବସ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ। ତା-୦୬।୦୨।୨୦୨୧ ରିଖ ଅପରାହ୍ନ ୦୫.୩୦ ଘଟିକା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ତା- ୦୮।୦୨।୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କନିଷି ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ ଏବଂ OMMC Rule-2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀକୁ ପୂରଣ କରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ୍ଚ ଦର ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡିକୁ ବାତିଲ କରିଦିଆଯିବ।

ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ନିଲାମ ନ ହୋଇପାରେ ତେବେ ତାହା ତା-୧୫।୦୨।୨୦୨୧ ରିଖ ଅପରାହ୍ନ ୦୫.୩୦ମି ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା-୧୭।୦୨।୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କନିଷି ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପାସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ।

ସେହିପରି ଯଦି କୌଣସି ସୈରାତ ଉତ୍ସ ଉପରୋକ୍ତ ଦିବସରେ ପୁନର୍ବାର ନିଲାମ ନ ହୋଇପାରେ ତେବେ ତାହା ତା-୨୩।୦୨।୨୦୨୧ ରିଖ ଅପରାହ୍ନ ୦୫.୩୦ ମି ପର୍ଯ୍ୟନ୍ତ ପୁନର୍ବାର Registered Post / Speed Post ଟେଣ୍ଡର ବାକ୍ସ ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯିବ ଏବଂ ତା-୨୫।୦୨।୨୦୨୧ ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ କନିଷି ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଟେଣ୍ଡର ବାକ୍ସ ଖୋଲାଯାଇ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକୁ ତନଖି କରାଯିବ।

ଠିକଣା -

ତହସିଲଦାର, କନିଷି

ଗ୍ରା/ପୋ – କନିଷି

ଜିଲ୍ଲା - ଗଞ୍ଜାମ, ପିନ୍ ନଂ – ୭୬୧୦୦୮, (ଓଡ଼ିଶା)

# ସର୍ତ୍ତାବଳୀ

1. ଆବେଦନକାରୀମାନେ OMMC Rule – 2016 ଏବଂ ଏହାର Amendments Rule ର ପରିସରଭୁକ୍ତ ରହିବେ।
2. ଆବେଦନକାରୀ ଲିଜ ପାଇଁ ଉର୍ଦ୍ଧ୍ୱଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ସୈରାତ ଉତ୍ସଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା ଗଛିତଥିବା ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉର୍ଦ୍ଧ୍ୱଷ୍ଟ ନିଲାମରେ ଅଂଶଗ୍ରହଣ କରିବେ। ଲିଜ ପରେ ସୈରାତ ଚଳାଇ ବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।
3. ଲିଜଧାରୀ Mining Plan, EC ଏବଂ Advertising ର ମୂଲ୍ୟ ଦାଖଲକରିବେ ନଚେତ ଲିଜ ବାତିଲ କରାଯିବ। ସର୍ବୋଚ୍ଚ ନିଲାମଧାରୀ ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (consent to Operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ।
4. ପଥର ସୈରାତ ଉତ୍ସ ପାଇଁ ଘନମିଟର (Per Cube Meter) ପ୍ରତି ସର୍ବନିମ୍ନ ସରକାରୀ ରୟାଲିଟି ମୂଲ୍ୟ ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) ର ମୂଲ୍ୟ ଉପରୋକ୍ତ ସାରଣୀ ମୁତାବକ ଧାର୍ଯ୍ୟ କରାଯାଇଛି।
5. ସରକାରୀଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଏବଂ Royalty ର ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନ କରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ।
6. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ରୟାଲିଟି ଏବଂ Additional Charge ମୂଲ୍ୟର ଦର୍ଶାଇଥାନ୍ତି ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ।
7. ଯଦି କୌଣସି ଉତ୍ସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତ ଗ୍ରହଣ ହୋଇଥିବା ତେବେ ସେହି ଉତ୍ସ ପାଇଁ ନିଲାମ କରାଯିବ ନାହିଁ।
8. ଚୟନ କରାଯାଇଥିବା ନିଲାମଧାରୀଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ Form-F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସୈରାତଉତ୍ସ ଏବଂ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇଦିଆଯିବ। ଏହି Form-F ପାଇବାର 15 ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମଧାରୀ ନିଲାମନେବା ନେଇ ସ୍ୱୀକୃତି ପ୍ରଦାନ କରିବେ । ବାର୍ଷିକଦେୟ (Minimum Guaranteed Quantity) x (Royalty + Offered Additional Charges + District Mineral Foundation) ର ଏକ ଚତୁର୍ଥାଂଶ Earnest Money କୁ ବାଦ୍ ଦେଇ ବଳକା ରାଶିର ପରିମାଣ ଜମାକରିବେ ଏବଂ ଏଥିସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ। ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବାପରେ ସ୍ଥିର କରାଯିବ। ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପୈଠ ନ କରନ୍ତି ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମଧାରୀଙ୍କ Earnest Money କୁ ବାଜ୍ୟାପ୍ତ କରାଯିବ। ନିଲାମଧାରୀଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶ ଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ।
9. ନିଲାମ ପ୍ରକ୍ରିୟାର ଚୂଡ଼ାନ୍ତ ପରେ କ୍ଷମତାପ୍ରାପ୍ତ ଅଧିକାରୀ Mining Plan କୁ ସଂଶୋଧନ କରି ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) କୁ ବଦଳାଇ ପାରିବେ ।
10. ଧାରୀ ସମସ୍ତ (Clearance) ଦେୟ ଜମା କରିବା ପରେ Form-N ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାର ରେଜଷ୍ଟ୍ରି (Registration Act 1908 & Stamp Act 1890 & 1899 ଅନୁଯାୟୀ) ସମ୍ପାଦନ କରିବେ।
11. OMMC Rule - 2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପୈଠ ହୋଇଥିବା ଜମାରଶି ବାଜ୍ୟାପ୍ତ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ।
12. ଲିଜଧାରୀ ସୈରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional, Charge Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟ OMMC Rule - 2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପୈଠ କରିବେ ଏବଂ ସମସ୍ତ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ।
13. ଲିଜଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକ ବ୍ୟବସ୍ଥା କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ। ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ।
14. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସକୁ କାର୍ଯ୍ୟକ୍ଷମ କରିପାରିବେ ନାହିଁ।

15. ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ କନିଷି ତହସିଲ କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇପାରିବେ। ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ **www.ganjam.nic.in** ରେ ଦେଖିପାରିବେ।
16. କ୍ଷମତାପ୍ରାପ୍ତ ଅଧିକାରୀ ଲିଜ ଅବଧି ମଧ୍ୟରେ ଯେକୌଣସି ସମୟରେ ସର୍ବନିମ୍ନ ଉତ୍ତୋଳନ ପରିମାଣ (MGQ) ଏବଂ ଅତିରିକ୍ତ ଦେୟ (Additional Charges) କୁ ଆବଶ୍ୟକ ସ୍ଥଳେ ବୃଦ୍ଧି କରିପାରିବେ।
17. ନିଲାମ ଦରଖାସ୍ତକାରୀମାନେ ଓଡିଶା ଲଘୁଖଣିଜ ନିୟମ - 2016 (OMMC Rule - 2016) ଏବଂ ତଦ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ।
18. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନ ମାସିକ ହିସାବରେ ଏହି କାର୍ଯ୍ୟାଳୟରେ ଦାଖଲ କରିବେ।
19. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲିଖିତ ହୁଏ ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ।
20. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ।
21. ଲିଜଧାରୀ Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ।

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା. ୮୧ ତାରିଖ. ୦୭.୧୧.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର / ଉପ-ଜିଲ୍ଲାପାଳ, ବ୍ରହ୍ମପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା. ୮୨ ତାରିଖ. ୦୭.୦୧.୨୦୨୧

ଏହାର ଏକକିତା ନକଲ D.I.O., NIC, ଗଞ୍ଜାମ, ଛତ୍ରପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ତଥା ଗଞ୍ଜାମ ଜିଲ୍ଲା website ରେ ଉପଲବ୍ଧ କରିବା ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା. ୮୩ ତାରିଖ. ୦୭.୦୧.୨୦୨୧

ଏହାର ଏକକିତା ନକଲ ଭାରପ୍ରାପ୍ତ ଅଧିକାରୀ, ଗୋଳନ୍ଥରା / ଗୋପାଳପୁର / ବ୍ରହ୍ମପୁର ସଦର / ଗୋସାଣିନୁଆଗାଁ ପୋଲିସ୍ ଷ୍ଟେସନଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା. ୮୪ ତାରିଖ. ୦୭.୦୧.୨୦୨୧

ଏହାର ଏକକିତା ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଙ୍ଗେଇଲୁଣ୍ଡା, ଗଞ୍ଜାମଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
Tahasildar
Konisi (Gm.)

ପରିପତ୍ର ସଂଖ୍ୟା. ୮୫ ତାରିଖ. ୦୭.୦୧.୨୦୨୧

ଏହାର ଏକକିତା ନକଲ ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ନୋଟିସ ବୋର୍ଡ / ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଏବଂ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ନୋଟିସ ବୋର୍ଡରେ / ଉତ୍ସଗୁଡିକ ଥିବା ସମ୍ପୃକ୍ତ ଗ୍ରାମରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନିଷି
Tahasildar